**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
**ବୈଦେଶିକ ମୁଦ୍ରା ବିଭାଗ**
**କେନ୍ଦ୍ରୀୟ କାର୍ଯ୍ୟାଳୟ**
**ମୁମ୍ବାଇ-୪୦୦୦୦୧**

ଏ.ପି.(ଡ଼ିଆଇଆର ସିରିଜ୍) ପରିପତ୍ରନଂ .୫୧
ଏ.ପି.(ଏଫ୍ଏଲ/ଆରଏଲ୍ ସିରିଜ୍) ପରିପତ୍ରନଂ .୨

ନଭେମ୍ବର ୧୮, ୨୦୦୨

ବୈଦେଶିକ ବିନିମୟରେ ସମସ୍ତ ପ୍ରାଧିକୃତ ବ୍ୟକ୍ତିବିଶେଷ

ମହାଶୟା/ମହାଶୟ,

**ବିଦେଶକୁ ଘରୋଇ ଯାତ୍ରା ପାଇଁ ବୈଦେଶିକ ବିନିମୟ ମୁଦ୍ରା ପ୍ରଦାନରେ ବୃଦ୍ଧି**

କେନ୍ଦ୍ର ସରକାରଙ୍କ ଅଧିସୂଚନା ନଂ.ଜି.ଏସ୍.ଆର୩୮୧(ଇ), ମେ ୩, ୨୦୦୦ର ଅନୁସୂଚୀ ୩ ଅନ୍ତର୍ଗତ ଅନୁଚ୍ଛେଦ ୨ ଅନୁସାରେ ନେପାଳ ଓ ଭୁଟାନ ବ୍ୟତୀତ ଅନ୍ୟ ଦେଶମାନଙ୍କୁ ବ୍ୟକ୍ତିଗତ ଉଦ୍ଦେଶ୍ୟରେ ଯାତ୍ରା କରୁଥିବା ବାସିନ୍ଦା ମାନଙ୍କୁ ଗୋଟିଏ କାଲେଣ୍ଡର ବର୍ଷରେ ରିଜର୍ଭ ବ୍ୟାଙ୍କର ପୂର୍ବ ଅନୁମତି ନେଇ ୫୦୦୦ ଆମେରିକୀୟ ଡ଼ଲାର ପର୍ଯ୍ୟନ୍ତ ରାଶି ପ୍ରାଧିକୃତ ବ୍ୟକ୍ତିବିଶେଷ ମାନେ ପ୍ରଦାନ କରିପାରିବେ ।

୨. ଉଦାରୀକରଣର ଏକ ପଦକ୍ଷେପ ରୂପେ, ଏହି ସୀମାକୁ ୧୦୦୦୦ ଆମେରିକୀୟ ଡ଼ଲାର ବା ତତୁଲ୍ୟ ରାଶି ପର୍ଯ୍ୟନ୍ତ ବୃଦ୍ଧିକରାଯାଇଅଛି। ଏହି ସୀମାରୁ ଅଧିକ ବୈଦେଶିକ ବିନିମୟ ପ୍ରାପ୍ତି ନିମନ୍ତେ ଆବେଦନ ପତ୍ର ପ୍ରାଧିକୃତ ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ରିଜର୍ଭ ବ୍ୟାଙ୍କକୁ ପ୍ରେରଣ କରାଯାଇପାରେ ।

୩. ପ୍ରାଧିକୃତ ବ୍ୟକ୍ତିବିଶେଷ ଏହି ପରିପତ୍ରର ବିଷୟବସ୍ତୁ ସେମାନଙ୍କର ସମ୍ପୃକ୍ତ ସଂସ୍ଥାକୁ ଅବଗତ କରାଇପାରିବେ ।

୪ ଏହି ପରିପତ୍ରରେ ଥିବା ନିର୍ଦ୍ଦେଶାବଳୀ ବୈଦେଶିକ ବିନିମୟ ପରିଚାଳନା ଅଧିନିୟମ, ୧୯୯୯ (୧୯୯୯ର ୪୨)ର ଧାରା ୧୦(୪) ଓ ଅନୁଚ୍ଛେଦ ୧୧(୧) ଅନୁସାରେ ଜାରୀ କରାଯାଇଅଛି ।

ଆପଣଙ୍କର ବିଶ୍ୱସ୍ତ
**ଗ୍ରେସ୍ କୋଶୀ**
ମୁଖ୍ୟ ମହାପ୍ରବନ୍ଧକ